## ଅଗ୍ନିକାଣ୍ଡରେ ୪ ବଖରା ଭସ୍ମ

ଘସିପୁରା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୪ ବଖରା ଭସ୍ମ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଗ୍ରାମର ରମେଶ ଜେନା ଓ ପ୍ରକାଶ ଜେନାଙ୍କ ପରିବାର ବେସାହାରା ହୋଇପଡ଼ିଛି। ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ରୂପସା, ୨୬।୧୧(ଡି.ଏନ.ଏ.)- ବାଲେଶ୍ୱର-ଫୁଲାଡ଼ି ରାସ୍ତାର ବୁଢ଼ାବଳଙ୍ଗ ପୋଲଠାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଶୁକ୍ରବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରୂପସା ଥାନା ପାଟପୁର ଗ୍ରାମର କଲ୍ୟାଣ ବାରିକ (୩୫)।ସେ ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ରାତିରେ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ୱାଲରେ ବାଡ଼େଇ ହୋଇ ପୋଲ ତଳକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ତାଙ୍କର ଏକମାତ୍ର ୧୧ ବର୍ଷର ପୁଅ ଅଛନ୍ତି।

### ମନ୍ଦରଧର ନୀଳଗିରିର ନୂତନ ଉପଜିଲାପାଳ

ନୀଳଗିରି, ୨୬।୧୧(ସ୍ୱ.ପ୍ର.)-ନୀଳଗିରି ଉପଖଣ୍ଡରେ ଉପଜିଲାପାଳ ଭାବେ କେନ୍ଦ୍ରାପଡ଼ା ଡିଆରଡିଏର ଆଡ଼ିସନାଲ ପିଡି (ପ୍ରଶାସନିକ) ମନ୍ଦରଧର ମହାଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ପଦାଧିକାରୀ ଓ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ସ୍ୱାଗତ ଜଣାଇଛନ୍ତି। ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ପ୍ରତିଟି ବ୍ୟକ୍ତି ବିଶେଷ କିପରି ସମସ୍ତ ସୁବିଧାସୁଯୋଗ ପାଇବେ ସେ ବିଷୟରେ ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି ଉପଜିଲାପାଳ ମହାଲିକ। ଏଠାରେ ପୂର୍ବରୁ ଥିବା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଖୋର୍ଦ୍ଧା ଉପଜିଲାପାଳ ଭାବେ ବଦଳି ପରେ ଉକ୍ତ ପଦବୀରେ ନୂତନ ଜିଲାପାଳ ଦାୟିତ୍ୱ ନେଇଛନ୍ତି।

### ଜଳିଗଲା ୧୦ ଦୋକାନ
#### କଇଥଖୋଲା ବଜାରରେ ଅଗ୍ନିକାଣ୍ଡ

ଚାନ୍ଦବାଲି,୨୬।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା କଇଥଖୋଲା ବଜାରରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥବା ବେଳେ ଏକ ଫାଷ୍ଟଫୁଡ୍ ଦୋକାନର ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗିଥିବା କୁହାଯାଉଛି। ନିଆଁ ଲାଗିବାର ଅଳ୍ପ ସମୟ ମଧ୍ୟରେ ଦୋକାନଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଧାମରା ଓ ପୋର୍ଟ କମ୍ପାନୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସମ୍ବିଧାନ ଦିବସ ପାଳନ

ବାରିପଦା ଅଫିସ,୨୬।୧୧-ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଫେସିଲିଟେଶନ ସେଣ୍ଟରଠାରେ ଶନିବାର ଜିଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବିଧାନ ହେଉଛି ଆମ ଦେଶର ଆତ୍ମା। ଏହି ସର୍ବବୃହତ୍ ସମ୍ବିଧାନକୁ ସଙ୍ଗେ ସଙ୍ଗେ ପଢ଼ି ବୁଝିବା କଷ୍ଟକର। କିନ୍ତୁ ଆମେ ସମସ୍ତେ ଦେଶର ଆତ୍ମାକୁ ଜାଣିବା ଉଚିତ। ସମ୍ବିଧାନର ପ୍ରଥମ ଅନୁଚ୍ଛେଦରେ ଥିବା ପ୍ରସ୍ତାବନାକୁ ଯଦି ଆମେ ଭଲ ଭାବେ ବ୍ୟାଖ୍ୟା କରିବା, ତେବେ ଆମ ଦେଶର ସମ୍ପୂର୍ଣ୍ଣ ଶାସନ ବ୍ୟବସ୍ଥା ସମ୍ପର୍କରେ ଜାଣିପାରିବା ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଜିଲାପାଳ ଉପସ୍ଥିତ ଥିବା ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନର ପ୍ରସ୍ତାବନା ପାଠ କରାଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଡ଼ିଲା କୃଷି ସଚେତନତା ରଥ

ଝୁମ୍ପୁରା,୨୬।୧୧(ଡି.ଏନ୍.ଏ): କେନ୍ଦୁଝର ଜିଲା ଝୁମ୍ପୁରା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ଶୁକ୍ରବାର କୃଷି ଓ କୃଷକର ଉନ୍ନତି, କୃଷି ଭିତ୍ତିକ ସଚେତନତା ପାଇଁ କୃଷି ସଚେତନତା ରଥ ଗଡ଼ିଛି। ଗତ ୨୧ରେ ଝୁମ୍ପୁରା ବ୍ଲକ୍‌ରେ କୃଷିରଥ ଶୁଭାରମ୍ଭ ହୋଇଥିବା ବେଳେ ୨୨ ପଞ୍ଚାୟତ ପରିକ୍ରମା କରି କୃଷି ଭିତ୍ତିକ ପ୍ରଚାର କରୁଛି। ଝୁମ୍ପୁରା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ କୃଷି ଜିଲା ଅଧିକାରିଣୀ ପ୍ରିୟଙ୍କା ମିଶ୍ର, କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧକ୍ଷ ଶିବ ପ୍ରସାଦ ପ୍ରଧାନ ପତାକା ହଲାଇ କୃଷିରଥ ଶୁଭାରମ୍ଭ କରିଥିଲେ। ବ୍ଲକ୍ କୃଷି ଅଧିକାରୀ ରତିକାନ୍ତ ମହାନ୍ତି ପରିଚାଳନା କରିଥିଲେ।

# ଧୂଳି ଧୂଆଁରେ ଅଣନିଃଶ୍ୱାସୀ

## ରାସ୍ତା ଅବରୋଧ କଲେ ଲୋକେ

ଯୋଡ଼ା,୨୬।୧୧(ଡି.ଏନ.ଏ)

ଧୂଳି ଧୂଆଁରେ ଅଣନିଃଶ୍ୱାସୀ ହୋଇ କେନ୍ଦୁଝର ଜିଲା ଯୋଡ଼ା ସହର ସ୍ଥିତ ମୁଖ୍ୟ ରାସ୍ତାର ଧରଣୀଧର ଛକଠାରେ ଶତାଧିକ ମହିଳା-ପୁରୁଷ ଶନିବାର ରାସ୍ତା ଅବରୋଧ କରିଛନ୍ତି। ସେଠାରେ ଚାଲିଥିବା ଫ୍ଲାଏ ଓଭର କାମ ଯୋଗୁ ରାସ୍ତାରେ ଧୂଳି ଧୂଆଁ ଉଡୁଛି। ଫଳରେ ଲୋକେ ଜଳ ସିଞ୍ଚନ ପାଇଁ ଦାବି କରି ଆସୁଛନ୍ତି। କେହି କର୍ଣ୍ଣପାତ ନ କରିବାରୁ ବାଧ ହୋଇ ରାସ୍ତାରୋକ କରିଥିବା ରାଜେଶ ପାତ୍ର, ଦୀପକ ପାତ୍ରଙ୍କ ସମେତ ୨, ୩, ୪, ୫, ୭, ୮, ୯, ୧୦, ୧୧, ୧୨, ୧୩ ନଂ. ୱାର୍ଡର ବହୁ ମହିଳା ପୁରୁଷ କହିଛନ୍ତି।

ଅଭିଯୋଗ ମୁତାବକ, ଯୋଡ଼ା ପୌରାଞ୍ଚଳର ଧରଣୀଧର ଛକଠାରେ ଫ୍ଲାଏ ଓଭର କାମ ଜାରି ରହିଛି। ଏନେଇ ନିର୍ମାଣ ହୋଇଥିବା ଅସ୍ଥାୟୀ ମାଟି ରାସ୍ତାରେ ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଛି। ଧୂଳି କଣା ପ୍ରବଳ ମାତ୍ରାରେ ଉଡ଼ି ଅଞ୍ଚଳରେ ଏକ ଧୂଳିର ବଳୟ ସୃଷ୍ଟି କରୁଛି। ଏହା ଏତେ ମାତ୍ରାରେ ଉଡୁଛି ଯେ, ସଡ଼କ ଦୃଶ୍ୟ ମାନ ହେଉନାହିଁ। ରୋଷେଇ ଘରେ ଥିବା ଭାତ ହାଣ୍ଡି ଉପରେ ଧୂଳିର ନାଲି ଆସ୍ତରଣ ପଡ଼ିଯାଉଛି। ପାନୀୟ ଜଳରେ ମଧ୍ୟ ଧୂଳି ଓ ତେଲ ଅଂଶ ଭାସୁଛି। ରାସ୍ତା ଦେଇ ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ରଙ୍କ ସହ ଜନସାଧାରଣ ଅଣନିଃଶ୍ୱାସୀ ହେଇଯାଉଛନ୍ତି। ବହୁବାର ଏ ନେଇ ପୌରପାଳିକା, କାମ କରୁଥିବା ଠିକା ସଂସ୍ଥା ଜେଭ୍ରକ୍ସର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପ୍ରତିକାର କରାଯାଉନାହିଁ ବୋଲି ଆନ୍ଦୋଳନକାରୀ କହିଛନ୍ତି। ରାସ୍ତା ଅବରୋଧ ସମ୍ପର୍କରେ ଜାଣିବା ପରେ ଠିକା ସଂସ୍ଥାର ମାନବ ସମ୍ବଳ ଅଧିକାରୀ ଭାଗିରଥି ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦିନକୁ ୩ ଥର ଜଳ ସିଞ୍ଚନର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏଥିସହ ଯଦି ଖଣି କମ୍ପାନୀ ଠିକାସଂସ୍ଥା ସହ ମିଶି ଅଧିକରୁ ଅଧିକ ଟ୍ୟାଙ୍କର ଲଗାଇ ଜଳ ସିଞ୍ଚନ କରନ୍ତେ, ଫ୍ଲାଏ ଓଭର କାର୍ଯ୍ୟ ସରିବା ପର୍ଯ୍ୟନ୍ତ କୌଣସି ସମସ୍ୟା ରହନ୍ତା ନାହିଁ। ସେହିପରି ଏକ ଖଣି କମ୍ପାନୀ ସ୍ଲରି ପାଇପ ରାସ୍ତା କଡ଼ରେ ପକାଇ ଗୋଟିଏ ପାର୍ଶ୍ୱକୁ ଅବରୋଧ କରି ରଖିଛନ୍ତି। ଏଣୁ ମିଳିତ ସହଯୋଗରେ ସମସ୍ୟା ସମାଧାନ ହୋଇ ପାରନ୍ତା ବୋଲି ପଣ୍ଡା କହିଛନ୍ତି।


ଲୋକଙ୍କୁ ବୁଝାଉଛନ୍ତି ଠିକା ସଂସ୍ଥାର ଅଧିକାରୀ।

# ବାଉଁଶ ପୋଲ ପୋଡ଼ିଦେଲେ ଦୁର୍ବୃତ୍ତ



ପୋଡ଼ି ଦେଇଥିବା ବାଉଁଶ ପୋଲ।

## ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ପ୍ରଭାବିତ

ବାଲେଶ୍ୱର ଅଫିସ, ୨୬।୧୧

ବାଲେଶ୍ୱର ଜିଲା ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ବୋଇତବାଙ୍କଠାରେ ନିର୍ମିତ ହୋଇଥିବା ପୋଲର ସଂଯୋଗୀକରଣ ରାସ୍ତାକୁ ଶୁକ୍ରବାର ରାତିରେ କେତେକ ଦୁର୍ବୃତ୍ତ ପୋଡ଼ି ଦେଇଛନ୍ତି। ପୋଲ ନିର୍ମାଣ ହୋଇଥିଲେ ବି ସଂଯୋଗୀକରଣ ରାସ୍ତା କରାଯାଇ ନ ଥିବାରୁ ସ୍ଥାନୀୟ ଲୋକ ଓ ଗ୍ରାମବାସୀଙ୍କ ସହଯୋଗରେ ବାଉଁଶରେ ଏକ ପୋଲ ନିର୍ମାଣ ହୋଇଥିଲା। ତେବେ ଏହା ଭାଙ୍ଗିରୁଜି ଯିବାରୁ ଶୁକ୍ରବାର ଏହାକୁ ସ୍ଥାନୀୟ ଲୋକେ ନିଜ ଖର୍ଚ୍ଚରେ ମରାମତି କରିଥିଲେ। ରାତିରେ କେତେକ ଦୁର୍ବୃତ୍ତ ବାଉଁଶ ପୋଲ ମଝିରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଏହି ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ତେନ୍ତୁଳିଦା ପଞ୍ଚାୟତ ସରପଞ୍ଚ ସଞ୍ଜୀବ କର ଏହି ଘଟଣାକୁ ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏହାସହ ତୁରନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ଲାଗି ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଗତ କିଛିଦିନ ତଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାୟୀ ରାସ୍ତା ନିର୍ମାଣ ଲାଗି ଏସ୍‌ଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯେ, ପ୍ରତିଦିନ ନଦୀ ଏପଟ ତେନ୍ତୁଳିଦା, ଦୁର୍ଗାଦେବୀ ଓ ପତ୍ରିପାଳ ପଞ୍ଚାୟତର ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ହଜାର ହଜାର ଲୋକ ଏହି ରାସ୍ତା ପାରି ହୋଇ ବାଲେଶ୍ୱର, ରେମୁଣା, ମିତ୍ରପୁର ଓ ନୀଳଗିରିକୁ ଚାକିରି ତଥା ବ୍ୟବସାୟ ପାଇଁ ଆସିଥାନ୍ତି। ମାତ୍ର ଦୀର୍ଘଦିନ ଧରି ଭଲ ସଂଯୋଗୀକରଣ ରାସ୍ତାଟିଏ ନ ଥିବାରୁ ଅନେକ ଅସୁବିଧା ଭୋଗୁଛନ୍ତି। ୨୦୧୮ରେ ୧୩ କୋଟି ଟଙ୍କା ବ୍ୟୟରେ ଏଠାରେ ବିଜୁ ସେତୁ ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ପୋଲ ନିର୍ମାଣ ସରିଥିବା ବେଳେ ଠିକାଦାର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ନ ଥିବାରୁ ବାଧହୋଇ ଏହି ବାଉଁଶ ରାସ୍ତା ତିଆରି କରିଥିଲେ। ଏବେ ଏହାକୁ ଦୁର୍ବୃତ୍ତମାନେ ପୋଡ଼ିଦେବାରୁ ଯାତାୟାତ ଠପ୍ ହୋଇଛି।

# 'ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକ ପଠନ ଆବଶ୍ୟକ'


ମେଳାରେ ଗ୍ରାହକମାନେ ଏକ ଷ୍ଟଲରୁ ପୁସ୍ତକ କିଣୁଛନ୍ତି।

## ଭଦ୍ରକ ପୁସ୍ତକମେଳା ଉଦ୍‌ଘାଟିତ

ଭଦ୍ରକ ଅଫିସ, ୨୬।୧୧

ପୁସ୍ତକ ହେଉଛି ମାନବୀୟ ସଂରଚନାତ୍ମକ ଇଚ୍ଛାର ମନୋଜ୍ଞ ପରିପ୍ରକାଶ। ପ୍ରତ୍ୟେକ ବ୍ୟକ୍ତି ମା', ମାଟି ଓ ମାତୃଭାଷା ପ୍ରତି ସମର୍ପିତ ହୋଇ କାର୍ଯ୍ୟ କରିବା ଉଚିତ। ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକ ପଠନର ଆବଶ୍ୟକତା ରହିଛି ବୋଲି ଭଦ୍ରକ ସହର ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଅନୁଷ୍ଠିତ ୨୨ତମ ଭଦ୍ରକ ପୁସ୍ତକମେଳାର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୁସ୍ତକମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଭଦ୍ରକ ପୁସ୍ତକମେଳା ଆଜି ଏକ ସାଂସ୍କୃତିକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଥିଲେ।

ଅନ୍ୟତମ ଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମୁଖ୍ୟବକ୍ତା ବିଶିଷ୍ଟ କଥାକାର ଡ. ରାଧାବିନୋଦ ନାୟକ ଓ ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ବିଜୟ ଦାସ ଯୋଗ ଦେଇଥିଲେ। ପୁସ୍ତକମେଳା କମିଟି ସମ୍ପାଦକ ରୂପକ ବିହାରୀ ରାୟ ବିବରଣୀ ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ଦେଇଥିଲେ ଉପସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ଦାସ। ଉପଦେଷ୍ଟା ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଆଇନଜୀବୀ ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଦେବେନ୍ଦ୍ରନାଥ ରାଉତ, ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି, ହରୀଶ ଦାସ, ଦୁଃଶାସନ ମହାନ୍ତି, ଡ. ଅଭୟ କୁମାର ଦାସ, ଆଡ୍‌ଭୋକେଟ ମନୋରଞ୍ଜନ ଦାସ, ଶ୍ରୀହର୍ଷ ସ୍ୱାଇଁ, ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର, ବୈକୁଣ୍ଠ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକମେଳାରେ ମୋଟ ୩୪ଟି ଷ୍ଟଲ ଉନ୍ମୋଚିତ ହୋଇଛି। ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହେବ ସିଭିଲ୍ କୋର୍ଟ

ପଦ୍ମପୁର,୨୬।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ ବଉଳପାଳସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଅସ୍ଥାୟୀ ଭାବେ ସିଭିଲ କୋର୍ଟ କାର୍ଯ୍ୟକ୍ଷମ ପାଇଁ ଚୟନ କରାଯାଇଛି। ଖୁବ୍‌ଶୀଘ୍ର ଏହାର ଆନୁସଙ୍ଗିକ ଭିତ୍ତିଭୂମି ନିର୍ମାଣ କରାଯାଇ କୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ଶନିବାର ପୂର୍ବାହ୍ନରେ ତିହିଡ଼ି ଗସ୍ତରେ ଆସି ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ କହିଛନ୍ତି। ତିହିଡ଼ିରେ ସିଭିଲ କୋର୍ଟ, ଜୁନିୟର ଡିଭିଜନ କମ୍ ଜେଏମ୍‌ଏଫ୍‌ସି ସ୍ଥାପନ ପାଇଁ ୨୦୧୭ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେବେଠାରୁ ଜମି ଚିହ୍ନଟ ନେଇ ବାରମ୍ବାର ତଦନ୍ତ କରାଯାଉଛି। ନିକଟରେ ବଉଳପାଳ ଗାଁ ନିକଟସ୍ଥ ବଣବଣା ପଡ଼ିଆରେ ୨ ଏକର ୩୧ ଡିସିମିଲ ସରକାରୀ ଜାଗା ଚିହ୍ନଟ ସରିଛି। ସେଠାରେ କୋର୍ଟ ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ ବିଳମ୍ବ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଲା ଜଜ୍‌ଙ୍କ ଗସ୍ତ ବେଳେ ଜିଲା ରେଜିଷ୍ଟ୍ରାର ଅବକାଶ ଚୌଧୁରୀ, ତହସିଲଦାର ପ୍ରତୀକ ସାହୁ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଆର୍‌ଆଇ ମହେଶ୍ୱର ରଣା, ଓକିଲ ସଂଘ ସମ୍ପାଦକ ବିଷ୍ଣୁଚରଣ ଦାସ, ସହସମ୍ପାଦକ ଗୌରହରି ମହାନ୍ତି, ଉପସଭାପତି ସତ୍ୟସୁନ୍ଦର ପତି, କୋଷାଧ୍ୟକ୍ଷ ତପନ ମିଶ୍ର, ରତିକାନ୍ତ ନାଥ, ସଞ୍ଜୟ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର


ଉପସ୍ଥିତି ଅତିଥିମାନେ।

ପାଟଣା,୨୬।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର କନ୍ୟା ଓ ବାଳ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଗଣେଶ୍ୱର କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ. ଭାଗ୍ୟଶ୍ରୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଖବରଦାତା ବୀର କିଶୋର ଦାଶ ପ୍ରମୁଖ ଯୋଗଦେଇ କିଶୋରୀଙ୍କ ଶାରୀରିକ, ମାନସିକ ଓ ବୈଦ୍ଧିକ ବିକାଶ ନେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନ ବାଳ ଶିବିରରେ ମୁଖ୍ୟ ଅତିଥିଭାବେ ଖବରଦାତା ଦାଶ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ମହାବିଦ୍ୟାଳୟର ଡେମନଷ୍ଟ୍ରେଟର ମଦନମୋହନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ସସ୍ମିତା ଦାଶ, ରେବତୀ ତ୍ରିପାଠୀ, ସବିତା ମହାନ୍ତ ତ୍ରିବେଣୀ ମହାନ୍ତ, ହୀରାଲାଲ ମହାନ୍ତ, ବେଣୁଧର ମହାନ୍ତ ଓ ସନ୍ତୋଷ ବେହେରା ପ୍ରମୁଖ ପରିଚାଳନା କରିଥିଲା।

# ଶବ ସଂରକ୍ଷଣ ଗୃହ ପାଇଁ ଅର୍ଥ ମଞ୍ଜୁର

## ବୈଶିଙ୍ଗା ଡାକ୍ତରଖାନା

ବୈଶିଙ୍ଗା,୨୬।୧୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଡାକ୍ତରଖାନା ପରିସରରେ ଶବ ସଂରକ୍ଷଣ ଗୃହ ନିର୍ମାଣ ହେବ। ଏନେଇ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ନିଜ ହାତପାଣ୍ଠି ଅର୍ଥରୁ ପ୍ରାଥମିକ ପର୍ଯ୍ୟାୟରେ ୨ ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଆବଶ୍ୟକ ସ୍ଥଳେ ଅଧିକ ଅର୍ଥ ମଞ୍ଜୁର କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଅବଗତ କରିଛନ୍ତି। ଦୀର୍ଘ ଦିନ ଧରି ଶବ ସଂରକ୍ଷଣ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ଏହାକୁ ଉପଲବ୍ଧି କରି ଖୁବ୍ ଶୀଘ୍ର ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶ ଯେ, ବଡ଼ସାହି ଓ ବେତନଟୀ ବ୍ଲକ୍‌ର ୧୯ ପଞ୍ଚାୟତର ଲକ୍ଷାଧିକ ଜନସାଧାରଣ ଉକ୍ତ ମେଡିକାଲ ଉପରେ ନିର୍ଭରଶୀଳ। ୧୮ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଡାକ୍ତରଖାନା ଥିବାରୁ ଏଠାକୁ ଦୈନିକ ସଡ଼କ ଦୁର୍ଘଟଣା ଜନିତ ରୋଗୀଙ୍କ ସହ ଅନ୍ୟାନ୍ୟ ରୋଗୀ ଆସୁଛନ୍ତି। ଅନେକ ସମୟରେ ଡାକ୍ତରଖାନାକୁ ଆସିଥିବା ରୋଗୀଙ୍କ ମୃତ୍ୟୁ ଘଟିଥାଏ। ଏଭଳି ସ୍ଥିତିରେ ପୋଲିସ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇବାକୁ ସମ୍ପର୍କୀୟଙ୍କୁ କହିଥାନ୍ତି। ସନ୍ଧ୍ୟା ହୋଇଯାଇଥିଲେ ମୃତଦେହ ବାରିପଦା ଯାଇ ନ ପାରି ଡାକ୍ତରଖାନା ବାରଣ୍ଡାରେ ପଡ଼ିରହୁଥିବାର ଦେଖାଯାଇଥାଏ। ଗୃହ ନିର୍ମାଣ ନିମନ୍ତେ ବିଧାୟକଙ୍କ ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଖବରଦାତାଙ୍କ ସମସ୍ୟା ନେଇ ଦାବିପତ୍ର

ବାରିପଦା ଅଫିସ,୨୬।୧୧

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ବହୁବିଧ ମୌଳିକ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ଶୁକ୍ରବାର ୧୦ଦଫା ସମ୍ବଳିତ ଏକ ଦାବିପତ୍ର ଉପ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ନଭେମ୍ବର ୨୬ ତାରିଖ ସମ୍ବିଧାନ ଦିବସ ଥିବାରୁ ସାରା ରାଜ୍ୟର ବିଭିନ୍ନ ଜିଲାରେ ଓଜେୟୁ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ରାଜ୍ୟରେ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା, ସାମ୍ବାଦିକମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ରାଶି ବାର୍ଷିକ ୨ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ସାମ୍ବାଦିକଙ୍କ ମୃତ୍ୟୁକାଳୀନ ଆର୍ଥିକ ସହାୟତା ରାଶି ୪ଲକ୍ଷ ଟଙ୍କାରୁ ଅନ୍ୟୁନ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ସମ୍ବେଦନଶୀଳ ଘଟଣା ବା ସ୍ଥାନରେ କାର୍ଯ୍ୟ କରିବା ପାଇଁ ଆଦର୍ଶ ମାର୍ଗଦର୍ଶିକା (ଏସ୍‌ଓପି) ପ୍ରଣୟନ କରି ସାମ୍ବାଦିକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା, ଅବସର ପରେ ସାମ୍ବାଦିକମାନଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ କରାଯିବା, ସରକାରଙ୍କ ଦ୍ୱାରା ଘୋଷିତ ସାମ୍ବାଦିକଙ୍କ ନିମନ୍ତେ ବ୍ୟାଙ୍କ ଋଣ ପ୍ରଦାନ ଜନୀତ ବିଧି ବ୍ୟବସ୍ଥାର ସରଳୀକରଣ କରାଯିବା, ସାମ୍ବାଦିକ ଅଧିସ୍ୱୀକୃତି ନୀତିର ସରଳୀକରଣ କରି ଜିଲା, ଉପଖଣ୍ଡ, ବ୍ଲକସ୍ତର ପର୍ଯ୍ୟନ୍ତ ସାମ୍ବାଦିକଙ୍କୁ ସାମିଲ କରାଯିବା ଇତ୍ୟାଦି ରହିଛି। ଓଜେୟୁର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ଜିଲା ସମ୍ପାଦକ ଅଭିଜିତ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟବ୍ରତ ମିଶ୍ର, ବରିଷ୍ଠ ଖବରଦାତା ସୁକାନ୍ତ କୁମାର ଜୀଉ, ବଟକୃଷ୍ଣ ବିହାରୀ, ମନୋଜ କୁମାର ପଣ୍ଡା, ସତ୍ୟ ରଞ୍ଜନ ମହାପାତ୍ର, ଅଭିଷେକ ଖୁଣ୍ଟିଆ, ବିଜୁ ସିଂ, ଦିନେଶ କୁମାର ଦାସ, ଦେବବ୍ରତ ଦେ, ସଞ୍ଜୀବ କୁମାର ରଣଜିତ, ସରୋଜ ନାଏକ, ଦୀପକ କୁମାର ମୁଦୁଲି, ଭକ୍ତି ରଞ୍ଜନ ପଣ୍ଡା, ଶୁଭଙ୍କର ଦାସ, ଦିଲ୍ଲୀପ ପାତ୍ର, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ନିର୍ମଳ କୁମାର ମହାନ୍ତି, ମାନଗୋବିନ୍ଦ ପାଣିଗ୍ରାହୀ, ଦୀପକ ପାଣିଗ୍ରାହୀ ପ୍ରମୁଖ ବହୁ ଖବରଦାତା ଦାବିପତ୍ର ପ୍ରଦାନ କରିବା ସହ ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବେପରୁଆ ଭାବେ ଚାଲିଛି ଗଣ୍ଡିବେଡ-ଔପଦା ରାସ୍ତା

## ସନ୍ଦେହ ଘେରରେ ପୂର୍ତ୍ତ ବିଭାଗ କାର୍ଯ୍ୟ

ଖଇରା/ଔପଦା, ୨୬।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ପୂର୍ତ୍ତ ବିଭାଗ ଅଧୀନରେ ବିଭିନ୍ନ ସ୍ଥାନରେ ଚାଲିଥିବା କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବିଶେଷ କରି ବେପରୁଆ ଭାବେ ଚାଲିଥିବା ଗଣ୍ଡିବେଡ-ଔପଦା ଏବଂ ୫ରୁ ଅଧିକ ରାସ୍ତା କାମର ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଖଇରା ବ୍ଲକର ବିଭିନ୍ନ ସଙ୍ଗଠନ ତରଫରୁ ଦାବି କରାଯାଇଛି।

ଗଣ୍ଡିବେଡ-ଔପଦା ୬କି.ମି. ରାସ୍ତା ପ୍ରଶସ୍ତୀକରଣ ପାଇଁ ପାଖାପାଖି ୧୨ କୋଟି ଟଙ୍କା ମଞ୍ଜୁରି ମିଳିଥିଲା । ଜୁଲାଇ ୧୧ ତାରିଖରେ ରାସ୍ତା ଶିଳାନ୍ୟାସ ହେବା ପରେ ଏହି ରାସ୍ତାରେ ଯାତାୟାତ କରୁଥିବା ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ୩ ଜିଲାର ଯାତ୍ରୀ ଆଶ୍ୱସ୍ତ ହୋଇଥିଲେ। ଦୈନିକ ହନ୍ତସନ୍ତ ହୋଇ ଯାଆସ କରୁଥିବା ହଜାର ହଜାର ଯାତ୍ରୀଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଥିଲା। ଆଉ ତାଙ୍କୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିବନି ବୋଲି ସେମାନେ ଭାବିଥିଲେ। ଏବେ ରାସ୍ତା ଆରମ୍ଭ ହେବା ସହ କାର୍ଯ୍ୟର ମାନ ଦେଖିବା ପରେ ଯାତ୍ରୀ ତଥା ରାସ୍ତା ସଂଲଗ୍ନ ଗ୍ରାମବାସୀଙ୍କର ସବୁ ଆଶା ବିଶ୍ୱାସ ପାଣି ଫୋଟକା ପରି ମିଳେଇ ଯାଇଛି। ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ କରାଯିବା ବଦଳରେ ବେପରୁଆ କାମକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଏବେ କଲଭର୍ଟ ଓ ପୋଲ କାମ ଚାଲିଥିବା ବେଳେ ଠିକ୍ ଭାବେ ଡାଇଭର୍ଶନ ନିର୍ମାଣ କରାଯାଇ ନ ଥିବାରୁ ଗାଡି ଚାଳକମାନେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ବ୍ୟବହୃତ କଞ୍ଚାମାଲ ମଧ ଠିକ୍‌ଠାକ୍ ନ ଥିବାରୁ କଲଭର୍ଟ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ଯାତ୍ରୀଙ୍କ ସୂଚନା ପାଇଁ ଫଳକ ଲଗାଯିବାର ନିୟମ ଥିଲେ ହେଁ କାମ ଆରମ୍ଭର ୫ ମାସ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ଏହା ଲଗାଯାଇ ନ ଥିବାରୁ କାର୍ଯ୍ୟକୁ ନେଇ ଯାତ୍ରୀମାନଙ୍କୁ ଅନ୍ଧାରରେ ରଖାଯାଇଥିବା ଅଭିଯୋଗ ହୋଇଛି। ସେପଟେ ଉକ୍ତ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ଦେବାକୁ ଯାତ୍ରୀମାନେ ଗଣ୍ଡିବେଡସ୍ଥିତ କାର୍ଯ୍ୟାଳୟକୁ ଦୌଡୁଥିଲେ ହେଁ ତାଙ୍କର ଦେଖା ନ ପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି । ବିଶେଷ କରି ରାସ୍ତା ଦାୟିତ୍ୱରେ ଥିବା ଯନ୍ତ୍ରୀ ଦୀର୍ଘଦିନ ଧରି ସୋର ସବଡିଭିଜନର ଅଧୀନରେ ରହିଥିବାରୁ ଗୋଟିଏ ହେଲେ କାର୍ଯ୍ୟ ଠିକ୍ ଢଙ୍ଗରେ ସମ୍ପୂର୍ଣ୍ଣ ହୋଇପାରୁନାହିଁ । ନିକଟରେ ଶେଷ ହୋଇଥିବା କୁପାରୀ-ଶାରୀଶୁଆ, ବର୍ତ୍ତନା- ଆଗରପଡା ରାସ୍ତା ଏବଂ ଏବେ ଚାଲିଥିବା ବାରାପୁର-କୁପାରୀ ରାସ୍ତା ଭଳି ଅନ୍ୟ ରାସ୍ତାରେ ରାଜ୍ୟସ୍ତରର ଅଧିକାରୀ ଥରେ ଆଖି ପକାଇଲେ ଅଭିଯୋଗର ସତ୍ୟତା ଉପଲବ୍ଧି କରିପାରିବେ ବୋଲି ବିଭିନ୍ନ ସଙ୍ଗଠନ ତରଫରୁ ଅନୁରୋଧ କରାଯାଇଛି । ଏ ସମ୍ପର୍କରେ ସୋର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ କାମରେ କୌଣସି ଅନିୟମିତତା ହୋଇ ନ ଥିବା କହିଛନ୍ତି ।


ଔପଦା ରାସ୍ତାରେ ନିର୍ମାଣାଧୀନ ଏକ କଲଭର୍ଟ।

